# Akashvani, Sambalpur

## SAMBALPURI NEWS BULLETIN

### 7 November 2025 – 6.47- 6.52 am.

**********************************************

ବନ୍ଦେ ମାତରମ୍- ୧୫୦ ବଛର୍  /ଆର୍‌ଏନ୍‌ୟୁ/ସମ୍ବଲପୁର/I&PR

ସ୍ୱାଧୀନତା ଆନ୍ଦୋଲନ୍‌ର ମୂଲ୍ୟବୋଧ ସଙ୍ଗେ ଯୁଆନ୍ ପିଢ଼ି ଆଉ ଛାତ୍ରଛାତ୍ରୀମାନ୍‌କୁ ଜୁଡ଼୍‌ବାର୍ ଲାଗି ଆଏଜ୍‌ଠାନୁ ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ପାଲନ୍ କରାଯିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମଥି ବଛ୍‌ରକିଆ ସ୍ମାରକୀ କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପ୍ରାମାଣିକ୍ ଚିତ୍ର ପ୍ରଦର୍ଶନ୍ କରାଯିବାର୍ ସହେତେ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକ ଟିକଟ ଆଉ ମୁଦ୍ରାର୍ ଉନ୍ମୋଚନ୍ କର୍‌ବେ । ଦେଶର୍ ଶହେ ୫୦ଟା ଜାଗାନ ଇ ଗୀତର୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହେଉଛେ ।

ଭୁବନେଶ୍ୱର ସହେତେ ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଆଉ ରାଉରକେଲାନ ଭିଲ୍ ଖାସ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ । ଭୁବନେଶ୍ୱର ଲୋକ ସେବା ଭବନ୍ ନ  ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ରାଜ୍ୟର ବିଦ୍ୟାଳୟ ଆଉ ମହାବିଦ୍ୟାଳୟ ମାନ୍‌କେ ଇ ଅବ୍‌ସରେ ଭିନ୍

ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା ଆଉ ଛାତ୍ରଛାତ୍ରୀ ବନ୍ଦେ ମାତରମ୍ ଗାଏବେ ।

ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଳନୀ ଆର୍‌ଏନ୍‌ୟୁ ସମ୍ବଲପୁର

ଭାରତ୍‌ର ସଡ଼କ ଭିତିଭୂମିର୍ ବିକାଶ୍ ଲକ୍ଷ୍ୟଥି ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ୮୪ ନମ୍ବର୍ ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଳନୀ ମୁଲ୍ ହେବା । କେନ୍ଦ୍ର ସଡ଼କ, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼୍‌କରୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀମାନେ ଭିଲ୍ ସାମିଲ୍ ରହେବେ ବଲି ଗଲାକାଏଲ୍ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସାମ୍ବାଦିକ୍ ସମ୍ମିଳନୀଥି ସୂଚ୍‌ନା ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଦେଶର୍ ଭିନ୍ ଭିନ୍ ଜାଗା ନୁ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀମାନ୍‌କର୍ ସହେତେ ୩ ହଜାର୍ ୫ ଶହ ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେବେ । ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍‌ର ଇ ବଛରର୍ ବିଷୟବସ୍ତୁ 'ଭାରତର ରାଜମାର୍ଗ, ଭାରତର ଭବିଷ୍ୟତ୍' ରଖାଯାଇଛେ ।

ଶୂନ୍ୟ ମୃତାହତ ପକ୍ଷ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶୀତ୍‌ମାସେ ବଢୁଥିବା ରାସ୍ତା ଦୁର୍ଘଟଣାକେ ଆଏତ୍ କର୍‌ବାର୍ ଲାଗି ଆଏବା ୧୬ ନୁ ୩୦ ତାରିଖ୍‌ତକ୍ ସାରା ରାଏଜେ ଶୂନ୍ୟ ମୃତାହତ ପକ୍ଷ ପାଲନ୍ କରାଯିବା । ଇ ସମିଆଥି ସଡ଼କ୍ ସୁରକ୍ଷାକେ ନେଇକରି ଲୁକ୍‌କୁ ସଚେତନ୍ କରାଯିବା । ଅମାନିଆଙ୍କର୍ ଉପ୍‌ରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଇ ବାବ୍‌ଦେ ବିଭାଗ୍‌ର ସଚିବ ଉଷା ପାଢ଼ୀ ସବୁ ଜିଲ୍ଲାପାଲ୍, ଆର୍‌ଟିଓ, ଏସ୍‌ପି ଆଉ କମିଶନରେଟ୍ ପୁଲିସ୍‌ର ଡିସିପି ମାନ୍‌କୁ ଚିଠି ଲେଖିଛନ୍ ।

ବିହାର ନିର୍ବାଚନ                                   ଏନ୍‌ଏସ୍‌ଡି

ବିହାର ବିଧାନସଭା ନିର୍ବାଚନର ପହେଲା ଖେପ୍ ମତଦାନ୍ ପ୍ରକ୍ରିୟା ଶାନ୍ତି ଶୃଙ୍ଖଲାର୍ ସହେତେ ଗଲାକାଏଲ୍ ଶେଷ୍ ହେଇଛେ । ନିର୍ବାଚନ୍ ଆୟୋଗଙ୍କର୍ ସୂଚ୍‌ନା ଅନ୍‌ସାରେ ଇ ଖେପ୍‌ଥି ୬୪ ଦଶ୍‌ମିକ୍ ୬୬ ପ୍ରତିଶତ ମତଦାନ ହେଇଛେ । ୧୮ଟା ଜିଲ୍ଲାର ଶହେ ୨୧ଟା ବିଧାନସଭା ଆସନ୍ ନ ୩ କୋଟି ୭୫ ଲାଖ୍ ନୁ ଅଏତ୍‌କା ମତଦାତା ଭୋଟ୍ ଦେଇଛନ୍ । ଇଥର ବିହାର୍ ନ ପହେଲାକରି ମତଦାନ୍ କେନ୍ଦ୍ର ନ ୱେବ୍‌କାଷ୍ଟିଂ ଶହେ ପ୍ରତିଶତ୍ କରାଯାଇଥିଲା । ବିହାର୍ ନିର୍ବାଚନ୍‌ଥି ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଥାଇଲାଣ୍ଡ, ଫିଲିପାଇନ୍ସ, ବେଲ୍‌ଜିଅମ୍ ଆଉ

କଲମ୍ବିଆର୍ ପ୍ରତନିଧି ମାନେ ନିର୍ବାଚନ୍ ପ୍ରକ୍ରିୟାର୍ ଅନୁଭୂତି ନେଇକରି ବ୍ୟବସ୍ଥାର୍ ପ୍ରଶଂସା କରିଛନ୍ ।
ସେଆଡ଼େ ୨୦ଟା ଜିଲ୍ଲା ଶହେ ୨୨ଟା ଆସନ୍ ଲାଗି  ଆଏବା ୧୧ ତାରିଖ୍ ଦିନ ଦୁଇ ନମ୍ବର ଖେପ୍ ମତଦାନ ହେବା ।

ଜାତୀୟ କର୍କଟ ସଚେତନତା ଦିବସ୍       ଆର୍ଏନ୍ୟୁ କଟକ୍

ଆଏଜ୍ ଜାତୀୟ କର୍କଟ ସଚେତନତା ଦିବସ୍ । କର୍କଟ ରୋଗ୍ ବାବ୍ଦେ ଲୋକ୍ମାନ୍କର୍ ଭିତ୍ରେ ସଚେତନତା ସୃଷ୍ଟି କର୍ବାର୍ ଲାଗି ୨୦୧୪ ମସିହାନୁ ଫି ବଛର୍ ଆଝିର୍ ଦିନ୍କେ କର୍କଟ ସଚେତନତା ଦିବସ୍ ଭାବେ ପାଲନ୍ କରାଯାଉଛେ । ଧୂମ୍ରପାନ, ମଦ୍ୟପାନ, ଉପଯୁକ୍ତ ଖାଦ୍ୟ ଆହାର ଆଉ ବ୍ୟାୟାମ୍ ନାଇଁ କର୍ବାର୍ କାରଣ୍ନୁ କର୍କଟ ରୋଗ ହେଇଥିସି । ସେନ୍ତା ମହିଳାମାନେ ସ୍ତନକର୍କଟ, ପିତକୋଷ, ଫୁସ୍ଫୁସ୍ ଆଉ ଜନନେନ୍ଦ୍ରିୟ କେନ୍ସର୍ଥି ଆକ୍ରାନ୍ତ ହେସନ୍ । ପ୍ରାରମ୍ଭିକ୍ ଅବସ୍ଥାଥି ଚିହ୍ନଟ୍ ହେଲେ କର୍କଟ ରୋଗନୁ ମୁକ୍ତି ମିଲିପାର୍ବା ବଲି ବିଶେଷଜ୍ଞମାନେ ମତ ଦେଇଛନ୍ ।

ଓଡ଼ିଶା ସିଭିଲ୍ ସର୍ଭିସ୍ ପ୍ରାଥମିକ୍ ପରୀକ୍ଷା ଫଲ୍/ କଟକ୍ ସମ୍ବାଦଦାତା

ଓଡ଼ିଶା କର୍ମଚାରୀ ସେବା ଆୟୋଗ୍- ଓପିଏସ୍‌ସି ପରିଚାଳନା ଓଡ଼ିଶା ସିଭିଲ୍ ସର୍ଭିସ୍ ପ୍ରାଥମିକ୍ ପରୀକ୍ଷା -୨୦୨୪ ର ଫଲାଫଲ୍ ଗଲାକାଏଲ୍ ବାହାରିଛେ । ୨ ହଜାର୍ ୪ ଶହ  ୫ ଝନ୍ ପ୍ରାର୍ଥୀ ମୁଖ୍ୟ ଲିଖିତ୍ ପରୀକ୍ଷା ଦେବାର୍‌କେ ସଫଲ୍ ହେଇଛନ୍ । ଇଥିର୍‌ଭିତ୍‌ରେ ୭ ଶହ ୪୨ ଝନ୍ ମହିଳା ଅଛନ୍ । ଯୋଗ୍ୟ ପ୍ରାର୍ଥୀମାନ୍‌କର୍ ରୋଲ୍ ନମ୍ବର୍ ତାଲିକା ଆୟୋଗ୍‌ର ୱେବ୍‌ସାଇଟ୍ www.opsc.gov.in ଥି ମିଲିପାର୍‌ବା । ମୁଖ୍ୟପରୀକ୍ଷା ଆଏବା ଜାନୁଆରୀ ଶେଷ୍ ହପ୍ତା କି ଫେବୃଆରୀ ପହେଲା ହପ୍ତା ହେଇପାରେ ବଲି ଆୟୋଗ୍ ତର୍‌ଫୁ କୁହାଯାଇଛେ ।

ସଂସ୍କାର୍ କମିଟି      I&PR

ବିକଶିତ ଓଡ଼ିଶା ୨୦୩୬ ଆଉ ୨୦୪୭ ଲକ୍ଷ୍ୟ ହାସଲ୍ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପ୍ରଶାସନିକ ବ୍ୟବସ୍ଥା ଆଉ ଶାସନ୍ ପରିଚାଳନା ଲାଗି ଗୁଟେ ସଂସ୍କାର୍ କମିଟି ଗଠନ୍ କରାଯାଇଛେ । ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ଇ କମିଟି ରାଏଜେ ସଂସ୍ଥାଗତ ଆଉ ସଂଗଠିତ୍ ବ୍ୟବସ୍ଥାର୍ ଆବଶ୍ୟକତାକେ ନଜର୍‌ଥି ରଖିକରି ସର୍‌କାର୍ ପ୍ରଶାସନିକ ଢାଂଚାର୍ ସମୀକ୍ଷା, ବ୍ୟବସ୍ଥାଗତ ତ୍ରୁଟି ଆଉ ବାଧା ଠାବ୍ ଆଉ ଭବିଷ୍ୟତ୍ ଦୃଷ୍ଟିକୋଣନୁ ସଂସ୍କାର୍‌ମୂଲକ୍ ପରାମର୍ଶ ଦେବା ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର-ପଶ୍ଚିମ ଦିଗୁ ଆସୁଥିବା ସୁଖା ଆଉ ଥଣ୍ଡା ପବନ୍‌ର ପ୍ରଭାବ୍‌ଥି ଗଲା ତିନ୍‌ଦିନ୍ ହେଲା ରାଜ୍ୟର୍ ତାପମାତ୍ରା କମ୍ ହେବାର୍ ସହେତେ ଶୀତ୍ ବଢ଼ିଛେ । ଭିନ୍ ଭିନ୍ ଜାଗାନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ୍ ତକ୍ ରେକର୍ଡ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜାଗା ନ ପାଗ୍ ଶୁଖା ରହେବା । ୨ ଦିନ୍ ଉତ୍‌ରୁ ଆହୁରି ୨ ନୁ ୩ ଡିଗ୍ରୀତକ୍ ତାପମାତ୍ରା କମ୍‌ବା ଆର୍ ଶୀତ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।